# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ,

## କାମାକ୍ଷାନଗର ।

ନଂ ୨୩୨ / ତା 05/02/24/

## ଟେଣ୍ଡର ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସାରଙ୍ଗଧର ଷ୍ଟାଡିୟମଠାରେ ନିର୍ମିତ ଗଡଜାତ ଭବନର ପରିଚାଳନା ଦାୟୀତ୍ୱ ୦୩(ତିନି) ବର୍ଷିଆ ଲିଜ ସୂତ୍ରରେ ନ୍ୟସ୍ତ କରାଯିବାପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଗଡଜାତ ଭବନର ଅବଧାରିତ ମୂଲ୍ୟ ବାର୍ଷିକ ଟ.୪,୨୫,୧୦୦.୦୦(ଚାରି ଲକ୍ଷ ପଚିଶି ହଜାର ଏକଶହ ଟଙ୍କା ମାତ୍ର) ଟଙ୍କା । ଏହି ଟେଣ୍ଡର ଆସନ୍ତା ତା.୧୯.୦୨.୨୦୨୪ରିଖ ଦିବା ୧.୦୦ ଘଟିକା ପର୍ଯ୍ୟନ୍ତ ଜଉମୁଦ ଲଫାପାରେ ନିର୍ଦ୍ଧାରିତ ଟେଣ୍ଡରବାକ୍ସରେ ପକାଯାଇ ପାରିବ ଏବଂ ସେହି ଦିନ ଅପରାହ୍ଣ ୩.୦୦ ଘଟିକା ସମୟରେ ଖୋଲାଯିବ । ନିର୍ଦ୍ଧାରିତ ସମୟ ପରେ ଅନ୍ୟ କୌଣସି ଟେଣ୍ଡର ବିଚାରକୁ ନିଆଯାଇ ପାରିବ ନାହିଁ । ଟେଣ୍ଡର ପକାଇବା ନିମନ୍ତେ ନିର୍ଦ୍ଧାରିତ ଟେଣ୍ଡର ପେପର ଏବଂ ପରିଚାଳନାପାଇଁ ବିସ୍ତୃତ ନିୟମାବଳୀ ପୁସ୍ତିକା ପରିଷଦ କାର୍ଯ୍ୟାଳୟରେ ତା.୧୫.୦୨.୨୦୨୪ରିଖ ପର୍ଯ୍ୟନ୍ତ କାର୍ଯ୍ୟନିର୍ଘଣ୍ଟ ସମୟରେ Executive Officer, N.A.C.,Kamakhyanagarଙ୍କ ନାମରେ ଟ.୨,୦୦୦.୦୦ଙ୍କା (ଦୁଇ ହଜାର ଟଙ୍କା ମାତ୍ର)ର Bank Draft/Bankers Cheque ଦାଖଲ ଦେଲେ ମିଳିପାରିବ ।

ନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ,
କାମାକ୍ଷାନଗର ।

ପରିପତ୍ର ସଂଖ୍ୟା ୨୩୩ // ତା 05/02/24 //

ଏହାର ନକଲ ଉପ-ଜିଲ୍ଲାପାଳ, କାମାକ୍ଷାନଗର/ ତହସିଲଦାର, କାମାକ୍ଷାନଗର/ବି.ଡି.ଓ.,କାମାକ୍ଷାନଗରଙ୍କ ଅବଗତି ନିମନ୍ତେ ତଥା ବହୁଳ ପ୍ରଚାର ଓ ପ୍ରସାର ପାଇଁ ବିଜ୍ଞାପନ ଫଳକରେ ପ୍ରକାଶନ ନିମନ୍ତେ ଅନୁରୋଧ କରାଗଲା ।

ଏହାର ନକଲ ପରିଷଦର ବିଜ୍ଞାପନ ଫଳକରେ ପ୍ରକାଶନ ନିମନ୍ତେ ଝୁଲାଇ ଦିଆଗଲା ।

ନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ,
କାମାକ୍ଷାନଗର ।

Memo No- 234 Date- 05/02/24

Copy submitted to the I & P.R. Department (e-mail:-ipr.advt@gmail.com, iprnews@gmail.com) with reference to letter no-1078/HUD/Dt.20.01.2021 for publication of the Advertisement for one day on or before dt.08.02.2024 with maximum two daily newspapers of minimum font size within the limit of Rs.3000.00(Rupees Three Thousand) only each.

Executive Officer
N.A.C, Kamakhyanagar

Memo- 235 Date- 05/02/24

Copy submitted to the DIO, NIC, Dhenkanal for favour of kind information with a request to display the same in the District NIC website.

Executive Officer
N.A.C,Kamakhyanagar

# ଗଡଜାତ ଭବନ

## ସ୍ଥାନ-ସାରଙ୍ଗଧର ଷ୍ଟାଡିୟମ୍

ବିଜ୍ଞାପିତ ଅଞ୍ଚଳ ପରିଷଦ,
କାମାକ୍ଷାନଗର ।

ନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ,
କାମାକ୍ଷାନଗର ।

# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ,କାମାକ୍ଷାନଗର ।

## ଟେଣ୍ଡର ପେପର

କାର୍ଯ୍ୟର ନାମ- ସାରଙ୍ଗଧର ଷ୍ଟାଡିୟମଠାରେ ନିର୍ମିତ ଗତଜାତ ଭବନର ଲିଜ୍ ।

ଅବଧାରିତ ମୂଲ୍ୟ- ଟ.୪,୨୫,୧୦୦.୦୦(ଚାରି ଲକ୍ଷ ପଚିଶି ହଜାର ଏକ ଶହ ଟଙ୍କା ମାତ୍ର) (ବାର୍ଷିକ)

ଅବଧାରିତ ସମୟ- ୦୩ ବର୍ଷ

ଟେଣ୍ଡରଧାରୀଙ୍କ ସର୍ବୋଚ୍ଚ ମୂଲ୍ୟ-

ଟେଣ୍ଡର ପକାଇବା ତାରିଖ- ତା-୧୯.୦୨.୨୦୨୪ ରିଖ ଅପରାହ୍ନ ଘ୦୧.୦୦ଣ୍ଟା ପର୍ଯ୍ୟନ୍ତ

ଟେଣ୍ଡର ଖୋଲିବା ସମୟ- ତା-୧୯.୦୨.୨୦୨୪ରିଖ ଅପରାହ୍ନ ଘ୦୩.୦୦ଣ୍ଟା

ସଂଲଗ୍ନ Bank Draft/ Bankers Chequeର ବିବରଣୀ-

ନମ୍ବର.......................... ତାରିଖ.......................................................................

ଟଙ୍କା.................................. (ଅକ୍ଷରରେ ..................................................................

..............................................)

ନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ,
କାମାକ୍ଷାନଗର ।

## ଟଣ୍ଡର ସର୍ତ୍ତାବଳୀ

୧· ଟେଣ୍ଡର ପକାଇବା ନିମନ୍ତେ ନିର୍ଦ୍ଧାରିତ ଟେଣ୍ଡର ପେପର ଏବଂ ପରିଚାଳନାପାଇଁ ବିସ୍ତୃତ ନିୟମାବଳୀ ପୁସ୍ତିକା ପରିଷଦ କାର୍ଯ୍ୟାଳୟରେ ତା-୧୫.୦୨-୨୦୨୪ରିଖ ପର୍ଯ୍ୟନ୍ତ କାର୍ଯ୍ୟଦିବସ ମାନଙ୍କରେ କାର୍ଯ୍ୟନିର୍ଘଣ୍ଟ ସମୟରେ ମିଳିପାରିବ ।

୨· ଟେଣ୍ଡର ନେବା ବ୍ୟକ୍ତି ପରିଷଦଦ୍ୱାରା ଧାର୍ଯ୍ୟ ନିୟମାବଳୀ ଅନୁଯାୟୀ ପରିଚାଳନା କରିବେ ଏବଂ ଦାୟୀତ୍ୱ ନେବା ପୂର୍ବରୁ ପରିଷଦ ସହିତ ନିଜସ୍ୱଖର୍ଚ୍ଚରେ ଚୁକ୍ତିନାମା ସଂପାଦନ କରିବେ । ନିୟମାବଳୀ ଖିଲାପକଲେ ସଂପୃକ୍ତ ବ୍ୟକ୍ତିଙ୍କ ସପକ୍ଷରେଥିବା ଟେଣ୍ଡର ରଦ୍ଦ କରାଯିବ ।

୩· ଗଡଜାତ ଭବନର ସାଧାରଣ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ବିଦ୍ୟୁତ ଦେୟ ଟେଣ୍ଡରଧାରୀ ଭରଣା କରିବେ ।

୪· ଟେଣ୍ଡର ପେପର ସହିତ ଅବଧାରିତ ମୂଲ୍ୟ ଶତ ପ୍ରତିଶତ ଅର୍ଥ Bank Draft/ Bankers Cheque ଆକାରରେ ଦାଖଲ ଦେବାକୁ ହେବ । ଯାହାକି Executive Officer, N.A.C.,Kamakhyanagar ଙ୍କ ନାମରେ ରହିବ ଏବଂ ତାହା Kamakhyanagar ଠାରେ Payment ହୋଇପାରିବ । ଟେଣ୍ଡରରେ ଅକୃତକାର୍ଯ୍ୟ ବ୍ୟକ୍ତିଙ୍କର ଟଙ୍କା ବିନା ସୁଧରେ ଟେଣ୍ଡର ପ୍ରକ୍ରିୟା ଶେଷ ହେବାପରେ ଫେରସ୍ତ ଦିଆଯିବ । ଏଥିପାଇଁ ସେମାନେ କୌଣସି ସୁଧ ଦାବି କରିପାରିବେ ନାହିଁ ।

୫· ଟେଣ୍ଡରଧାରୀ ଗଡଜାତ ଭବନକୁ କେବଳ କଲ୍ୟାଣ ମଣ୍ଡପ ଏବଂ ଲଜ ଆକାରରେ ବ୍ୟବହାର କରି ପାରିବେ । ଅନ୍ୟକୌଣସି ଭାବରେ ନୁହଁ ।

୬· କୌଣସି ପ୍ରକାରର ଅସାମାଜିକ କିମ୍ବା ଅନୈତିକ କାର୍ଯ୍ୟ ହେଉଥିବାର ଦୃଷ୍ଟିଗୋଚର ହେଲେ ଟେଣ୍ଡର ରଦ୍ଦ କରାଯିବା ସହିତ ଜମା ଟଙ୍କା ବାଜ୍ୟାପ୍ତ କରାଯିବ ।

୭· ଟେଣ୍ଡରଧାରୀ ସୈରାତ ମଧ୍ୟରେ କୌଣସି ପ୍ରକାରର ଅବକାରୀ ଦ୍ରବ୍ୟ କିମ୍ବା ବିସ୍ଫୋରକ ଦ୍ରବ୍ୟ ରଖି ପାରିବେ ନାହିଁ ।

୮· ଯେଉଁ ବ୍ୟକ୍ତିଙ୍କ ଉପରେ ପୂର୍ବରୁ ପରିଷଦର ପାଉଣା ବକେୟାଥିବ ସେମାନେ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ ।

୯· ଘରର ଗଢଣରେ ପରିଷଦର ବିନା ଅନୁମତିରେ କୌଣସି ପ୍ରକାରର ପରିବର୍ତ୍ତନ କରିପାରିବେ ନାହିଁ ।

୧୦· ପରିଷଦ ଦ୍ୱାରା ଯୋଗାଇ ଦିଆଯାଇଥିବା ସରଞ୍ଜାମର ରକ୍ଷଣାବେକ୍ଷଣ କରିବେ ଏବଂ ମରାମତି ନିଜ ଖର୍ଚ୍ଚରେ କରାଇବେ ।

୧୧· କର୍ତ୍ତୃପକ୍ଷ ଇଚ୍ଛାକଲେ ଟେଣ୍ଡରଧାରୀଙ୍କୁ ପୂର୍ବରୁ କିଛି ନ ଜଣାଇ ରେକଡପତ୍ର ଯାଞ୍ଚ କରିପାରିବାର କ୍ଷମତା ସଂରକ୍ଷିତ ରଖିଛନ୍ତି । ଯାଞ୍ଚ ସମୟରେ କୌଣସି ଅନିୟମିତତା ପରିଲକ୍ଷିତ ହେଲେ ଟେଣ୍ଡର ରଦ୍ଦ କରିପାରିବେ ।

୧୨· ଯେ କୌଣସି ଦୈବି ଦୁର୍ଘଟଣାପାଇଁ ଟେଣ୍ଡରଧାରୀ ଦାୟୀ ରହିବେ ।

୧୩· କର୍ତ୍ତୃପକ୍ଷ ଯେ କୌଣସି ଟେଣ୍ଡରର ସର୍ବୋଚ୍ଚମୂଲ୍ୟ ଗ୍ରହଣ ନିମନ୍ତେ ବାଧ୍ୟ ନୁହନ୍ତି ଏବଂ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିଦେଇ ପାରିବାର କ୍ଷମତା ସଂରକ୍ଷଣ ରଖିଛନ୍ତି ।

ନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ,
କାମାକ୍ଷାନଗର ।